# NATIONAL NEWS BULLETIN (ODIA)
## 14th April - 2024
## Evening Bulletin : 7.15 p.m.

******************************

ଆକାଶବାଣୀ.....   ସମ୍ବାଦ ପଢ଼ୁଛନ୍ତି.....   **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ଏକ ଶକ୍ତିଶାଳୀ ଏବଂ ସ୍ଥିର ସରକାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ।
- ପ୍ରଧାନମନ୍ତ୍ରୀ କହିଛନ୍ତି, ଦଳର ନିର୍ବାଚନୀ ଇସ୍ତାହାର ଯୁବଶକ୍ତି, ନାରୀଶକ୍ତି, କୃଷକ ଓ ଗରିବମାନଙ୍କପାଇଁ ଉତ୍ସର୍ଗୀକୃତ ।

— ବି.ଜେ.ପି.ର ସଙ୍କଳ୍ପ ପତ୍ରକୁ ଆର୍.ଜେ.ଡି. ଓ ଆପ୍ ପାର୍ଟି ପକ୍ଷରୁ ସମାଲୋଚନା କରାଯାଇଛି ।

- ଜମ୍ମୁ-କାଶ୍ମୀରର ଡୋଡ଼ା ଜିଲ୍ଲାରେ ଆଗାମୀ ନିର୍ବାଚନରେ ୩୭ ଜଣ ଶତାୟୁ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।
- ରାଜସ୍ଥାନର ସିକର ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ଆଜି ୭ ଜଣ ପ୍ରାଣ ହରାଇଛନ୍ତି ।

ଏବଂ

- ଆଇ.ପି.ଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମ୍‌ରେ ଚେନ୍ନାଇ ସୁପର୍ କିଙ୍ଗସ୍ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ ।

## ପି.ଏମ୍. - ଷ୍ଟେବୁଲ୍ ଗଭ୍

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ଏକ ଶକ୍ତିଶାଳୀ ଏବଂ ସ୍ଥିର ସରକାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସମ୍ପ୍ରତି ବିଶ୍ୱରେ ଦେଖାଦେଇଥିବା ଅନିଶ୍ଚିତତା ଏବଂ ଉତ୍ତେଜନା ପରିପ୍ରେକ୍ଷୀରେ ସେ ଏହା କହିଛନ୍ତି । ଭାରତୀୟ ଜନତା ପାର୍ଟିର ସଙ୍କଳ୍ପ ପତ୍ର ଜାରି କରିବା ସମୟରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଏହି ସଙ୍କଟଜନକ ପରିସ୍ଥିତିରେ ସେହି ଅଞ୍ଚଳଗୁଡ଼ିକରେ ବସବାସ କରୁଥିବା ଭାରତୀୟମାନଙ୍କର ନିରାପତ୍ତାକୁ ତାଙ୍କ ସରକାର ଅଗ୍ରାଧିକାର ଦେଉଛି । ସେ କହିଛନ୍ତି, ଏହି ସମୟରେ ପୂର୍ଣ୍ଣ ବହୁମତ ସହ ଏକ ଶକ୍ତିଶାଳୀ ଏବଂ ସ୍ଥିର ସରକାରର ଆବଶ୍ୟକତା ରହିଛି । ଗତକାଲି ଇରାନ୍ ଇଜ୍ରାଏଲ୍ ଉପରେ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କର ଏହି ବିବୃତ୍ତି ଆସିଥିଲା ।

# ପି.ଏମ୍. - ପିପାରିଆ ଏମ୍.ପି.

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଦଳର ନିର୍ବାଚନୀ ଇସ୍ତାହାର ଯୁବଶକ୍ତି, ନାରୀଶକ୍ତି, କୃଷକ ଓ ଗରିବମାନଙ୍କପାଇଁ ଉତ୍ସର୍ଗୀକୃତ । ସାମାଜିକ, ଭୌତିକ ଓ ଡିଜିଟାଲ ମୌଳିକଢାଞ୍ଚାର ବଳିଷ୍ଠ ସମ୍ପ୍ରସାରଣ ତାଙ୍କ ଦଳର ପ୍ରମୁଖ ପ୍ରାଥମିକତା ରହିଛି । ମଧ୍ୟପ୍ରଦେଶର ନର୍ମଦାପୁରମ୍ ଜିଲ୍ଲାର ପିପାରିଆଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ସେ କହିଛନ୍ତି, ପରବର୍ତ୍ତୀ ୫ ବର୍ଷ ପର୍ଯ୍ୟନ୍ତ ସରକାରଙ୍କର ସମସ୍ତ ଯୋଜନା ଚାଲୁ ରହିବ ।

ଆଜି ବାବାସାହେବ ଆମ୍ବେଦକରଙ୍କର ଜୟନ୍ତୀ ଅବସରରେ ଶ୍ରୀ ମୋଦି କହିଛନ୍ତି, ଭାରତୀୟ ଜନତା ପାର୍ଟି ଆଧୁନିକ ଭାରତ ନିର୍ମାଣ କ୍ଷେତ୍ରରେ ତାଙ୍କର ଅବଦାନକୁ ନୂଆ ପରିଚୟ ଦେଇଛି । ଡିଜିଟାଲ୍ ପେମେଣ୍ଟ ଯୋଜନାଗୁଡ଼ିକରେ ଲୋକମାନେ ମୋବାଇଲ୍ ଫୋନ୍ ମାଧ୍ୟମରେ BHIM - UPIର ବ୍ୟବହାର କରୁଛନ୍ତି, ଯାହାକି ବାବାସାହେବଙ୍କ ନାମରେ ନାମିତ । ଶ୍ରୀ ମୋଦି କହିଛନ୍ତି, ଏହା ହେଉଛି ବାବାସାହେବଙ୍କର ସମ୍ବିଧାନ, ଯେଉଁଥିପାଇଁ ଆଜି ଦେଶର ରାଷ୍ଟ୍ରପତି ଏକ ଜନଜାତି ପରିବାର ଝିଅ । ସେ କହିଛନ୍ତି, ବି.ଜେ.ପି. ସରକାର ଭଗବାନ୍ ବିର୍ସାମୁଣ୍ଡାଙ୍କ ଜୟନ୍ତୀକୁ ଜାତୀୟ ଜନଜାତି ଗୌରବ ଦିବସ ଭାବେ ଘୋଷଣା କରିଛି ।

# ଉତ୍ତରାଖଣ୍ଡ ସି.ଏମ୍. ର୍ୟାଲି

ଉତ୍ତରାଖଣ୍ଡରେ ଲୋକସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ସେଠାରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ଆଞ୍ଚଳିକ ଦଳ ଏବଂ ପ୍ରମୁଖ ନେତାମାନେ ସେମାନଙ୍କର ପ୍ରଚାରକୁ ଜୋର୍‌ଦାର୍ କରିଛନ୍ତି । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ବି.ଜେ.ପି. ନେତା ଯୋଗୀ ଆଦିତ୍ୟନାଥ ଆଜି ଉତ୍ତରାଖଣ୍ଡର ପାଉରି ଜିଲ୍ଲା ଅନ୍ତର୍ଗତ ଶ୍ରୀନଗର ଗରୱାଲ୍‌ଠାରେ ଏକ ନିର୍ବାଚନୀ ର୍ୟାଲିକୁ ସମ୍ବୋଧିତ କରିଛନ୍ତି । ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଦେଶରେ ଗତ ଦଶନ୍ଧି ଧରି ହୋଇଥିବା ବିକାଶ ଓ ରୂପାନ୍ତରଣର ଅବତାରଣା କରିଛନ୍ତି । ଦେଶରେ ଆଭ୍ୟନ୍ତରୀଣ ନିରାପତ୍ତା ବଜାୟ ରଖିବାରେ କେନ୍ଦ୍ର ସରକାରଙ୍କର ଭୂମିକା ଉପରେ ସେ କହିଛନ୍ତି, ବି.ଜେ.ପି. ସରକାର ତା'ର ୧୦ ବର୍ଷ ଶାସନକାଳରେ ଦେଶରୁ ନକ୍ସଲମାନଙ୍କ ମୂଳୋତ୍ପାଟନ ପାଇଁ ପଦକ୍ଷେପ ଗ୍ରହଣ କରିଛି । ମୁଖ୍ୟମନ୍ତ୍ରୀ ଆର୍ଥିକ ଅନଗ୍ରସର ସମ୍ପ୍ରଦାୟ ତଥା ଗରିବମାନଙ୍କର ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଉଲ୍ଲେଖ କରିଥିଲେ । ଦଳର ସଙ୍କଳ୍ପ ପତ୍ର ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି, ଏହି ପତ୍ର ଯୁବବର୍ଗ, ମହିଳା, କୃଷକ ଏବଂ ଆର୍ଥିକ ଅନଗ୍ରସରମାନଙ୍କର ଆବଶ୍ୟକତାକୁ ପ୍ରାଥମିକତା ଦେବାପାଇଁ ଉତ୍ସର୍ଗୀକୃତ ।

## ଆର୍.ଜେ.ଡି. - ରିଆକ୍ସନ୍

ଆର୍.ଜେ.ଡି. ନେତା ଏବଂ ବିହାରର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ବି.ଜେ.ପି.ର ସଙ୍କଳ୍ପ ପତ୍ରକୁ ସମାଲୋଚନା କରି କହିଛନ୍ତି, ଏହି ସଙ୍କଳ୍ପ ପତ୍ରରେ ଯୁବବର୍ଗ, କୃଷକ ତଥା ନିଯୁକ୍ତି ବିଷୟରେ କିଛି ଉଲ୍ଲେଖ ନାହିଁ କିମ୍ବା ବିହାର ଭଳି ଗରିବ ରାଜ୍ୟର ବିକାଶପାଇଁ କୌଣସି ଯୋଜନା ନାହିଁ । ସେ କହିଛନ୍ତି, ବିଗତ ୧୦ ବର୍ଷରେ ବି.ଜେ.ପି.ର ଯୋଜନା ଓ କାର୍ଯ୍ୟକାରିତା ସମ୍ପର୍କରେ ସମସ୍ତେ ଅବଗତ ଅଛନ୍ତି ।

## ଆପ୍ - ରିଆକ୍ସନ୍

ଆପ୍ ନେତା ତଥା ଦିଲ୍ଲୀ ମନ୍ତ୍ରୀ ଆତିଶି ଭାରତୀୟ ଜନତା ପାର୍ଟିର ନିର୍ବାଚନୀ ଇସ୍ତାହାରକୁ 'ଜୁମ୍‌ଲା ପତ୍ର' ବୋଲି କହି ସମାଲୋଚନା କରିଛନ୍ତି । ସେ ଅଭିଯୋଗ କରି କହିଛନ୍ତି, ଦଳ ୧୦ ବର୍ଷ କ୍ଷମତାରେ ରହିବା ପରେ ମଧ୍ୟ ତା'ର ପ୍ରତିଶ୍ରୁତି ପୂରଣ କରିପାରି ନାହିଁ । ସେ କହିଛନ୍ତି, ପ୍ରତିବର୍ଷ ୨ କୋଟି ନିଯୁକ୍ତିର ପ୍ରତିଶ୍ରୁତି ପରେ ମଧ୍ୟ ଆଜି ଦେଶର ଇତିହାସରେ ବେକାରି ହାର ସର୍ବାଧିକ ରହିଛି । ସମଗ୍ର ଦେଶରେ ଆୟୁଷ୍ମାନ ଭାରତ ଯୋଜନାରେ ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ ଦିଲ୍ଲୀର ସ୍ୱାସ୍ଥ୍ୟ ବଜେଟ୍‌ଠାରୁ ମଧ୍ୟ କମ୍ ବୋଲି ସେ ଉଲ୍ଲେଖ କରିଛନ୍ତି ।

# ପ୍ରିୟଙ୍କା - ର୍ୟାଲି

କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ଭଦ୍ରା ଆଜି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନସାଧାରଣ ଏବଂ ସେମାନଙ୍କର ସମସ୍ୟାଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିଛନ୍ତି । ସେ କହିଛନ୍ତି, ସେ ଅଖଣ୍ଡ କ୍ଷମତା ଉପଭୋଗ କରୁଛନ୍ତି ଏବଂ ତାଙ୍କ ଅନୁଗତ ନେତାମାନେ ତାଙ୍କୁ ସତ କହିବାକୁ ଭୟ କରୁଛନ୍ତି । ରାଜସ୍ଥାନର ଜାଲୋରଠାରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ମୁଦ୍ରାସ୍ଫୀତି ହେଉଛି ଲୋକମାନଙ୍କର ମୁଖ୍ୟ ସମସ୍ୟା । କିନ୍ତୁ ଏକଥା ଶୁଣିବାକୁ କେହି ପ୍ରସ୍ତୁତ ନୁହନ୍ତି । ଭାରତୀୟ ଜନତା ପାର୍ଟି ଦୁର୍ନୀତି ବିରୋଧରେ ଲଢୁ ନାହିଁ; ବରଂ ବିରୋଧୀମାନଙ୍କୁ ପ୍ରତାରିତ କରୁଥିବାର ସେ ଦୋଷାରୋପ କରିଛନ୍ତି ।

# ଛତିଶଗଡ଼ - ଅମିତ୍ ଶାହା

ବରିଷ୍ଠ ବି.ଜେ.ପି. ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ତୃତୀୟ ଥରପାଇଁ ଭାରତୀୟ ଜନତା ପାର୍ଟି ସରକାର ଗଠନ କଲେ ଛତିଶଗଡ଼ ନକ୍ସଲ କବଳରୁ ମୁକ୍ତ ହେବ ବୋଲି ଆଶ୍ୱାସନା ଦେଇଛନ୍ତି । ଛତିଶଗଡ଼ର ରାଜନନ୍ଦଗାଁ ଲୋକସଭା ନିର୍ବାଚନ ମଣ୍ଡଳିର ଖଇରାଗଡ଼ଠାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ

ଦେଇ ସେ ତାଙ୍କ ସରକାରର ଗତ ଦଶନ୍ଧି ଧରି ଦେଶରୁ ନକ୍ସଲ ବିଲୋପ କ୍ଷେତ୍ରରେ ପଦକ୍ଷେପର ଉଲ୍ଲେଖ କରିଥିଲେ । ତାଙ୍କ ସରକାର ଛତିଶଗଡ଼ରୁ ମଧ୍ୟ ନକ୍ସଲବାଦକୁ ଲୋପ କରିବେ ବୋଲି ସେ କହିଛନ୍ତି । ଏହି ଅବସରରେ ସେ ଛତିଶଗଡ଼ର ପୂର୍ବତନ କଂଗ୍ରେସ ସରକାରକୁ ସମାଲୋଚନା କରିଥିଲେ । ନକ୍ସଲ ଦମନ କ୍ଷେତ୍ରରେ କଂଗ୍ରେସ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାର ସେ ଅଭିଯୋଗ କରିଥିଲେ । ଗତ ୪ ମାସରେ ୫୬ ଜଣ ମାଓବାଦୀଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ସହ ୧୫୦ ଜଣ ସକ୍ରିୟ ମାଓବାଦୀଙ୍କୁ ଗିରଫ କରାଯାଇଥିବାର ସେ କହିଥିଲେ ।

## ମହା-ର୍ୟାଲି - ଅମିତ୍ ଶାହା

ବରିଷ୍ଠ ବି.ଜେ.ପି. ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା ଆଶ୍ୱାସନା ଦେଇ କହିଛନ୍ତି, ଦେଶରେ ସଂରକ୍ଷଣ ସବୁବେଳେ ରହିବ ଏବଂ ତାଙ୍କ ଦଳ ଏହାକୁ ବିଲୋପ ହେବାକୁ ଦେବ ନାହିଁ । ମହାରାଷ୍ଟ୍ରର ଭଣ୍ଡାରା ଜିଲ୍ଲା ଅନ୍ତର୍ଗତ ସାକୋଲିଠାରେ ବାବାସାହେବ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ସେ କହିଛନ୍ତି, ତାଙ୍କ ସରକାର ଆତଙ୍କବାଦ ଓ ନକ୍ସଲବାଦର ମୂଳୋତ୍ପାଟନ କରିବା ସହ ସାଂସ୍କୃତିକ ଐତିହ୍ୟକୁ ବଜାୟ ରଖିବା ଦିଗରେ ପଦକ୍ଷେପ ଗ୍ରହଣ କରିଛି । ସେ ପୁଣି କହିଛନ୍ତି, ତାଙ୍କ ସରକାର

ଗରିବମାନଙ୍କର ଜୀବନଧାରଣର ମାନରେ ଉନ୍ନତି ଆଣିବା ସହ ମହିଳା ଓ କୃଷକମାନଙ୍କର ବିକାଶପାଇଁ କାର୍ଯ୍ୟ କରୁଛି । ଏହି ଅବସରରେ ସେ ଭୋଟର୍‌ମାନଙ୍କୁ ବି.ଜେ.ପି. ପ୍ରାର୍ଥୀଙ୍କ ବିଜୟ ନିଶ୍ଚିତ କରିବାପାଇଁ ଅନୁରୋଧ କରିଥିଲେ ।

## ଜେ.କେ. - ଭୋଟରସ୍

ଆଗାମୀ ନିର୍ବାଚନରେ ୩୭ ଜଣ ଶତାୟୁ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବାକୁ ଥିବାବେଳେ ଜମ୍ମୁ-କାଶ୍ମୀରର ଡୋଡ଼ା ଜିଲ୍ଲା ଏ କ୍ଷେତ୍ରରେ ଇତିହାସ ସୃଷ୍ଟି କରିବେ । ସେହି ଜିଲ୍ଲାରେ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ୩୭ ଜଣ ମତାଦାତା ରହିଛନ୍ତି ଓ ଆସନ୍ତା ନିର୍ବାଚନରେ ସେମାନେ ଭୋଟ୍ ଦେବାକୁ ପ୍ରସ୍ତୁତ ଅଛନ୍ତି । ଜିଲ୍ଲା ନିର୍ବାଚନ ଅଧିକାରୀ ସେମାନଙ୍କପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛନ୍ତି । ସେମାନେ ଭୋଟ୍‌ଗ୍ରହଣ କେନ୍ଦ୍ରକୁ ଆସିବାପାଇଁ ପାଲିଙ୍କିର ବ୍ୟବସ୍ଥା ହୋଇଛି । ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବୟୋଜ୍ୟେଷ୍ଠ ଲୋକମାନଙ୍କ ପାଇଁ ଘରୁ ମତଦାନ କରିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ସେହି ମତଦାତାମାନେ ମତଦାନ କେନ୍ଦ୍ରକୁ ଯାଇ ଭୋଟ୍ ଦେବାକୁ ଅଗ୍ରହ ପ୍ରକାଶ କରିଛନ୍ତି । ସେଠାରେ ଚଳିତ ମାସ ୧୯ ତାରିଖରେ ଭୋଟ୍‌ଗ୍ରହଣ କରାଯିବ । ପ୍ରଥମ ପର୍ଯ୍ୟାୟରେ ଉଦ୍ଧମପୁର-ଡୋଡ଼ା ଲୋକସଭା ନିର୍ବାଚନ ମଣ୍ଡଳିପାଇଁ ଭୋଟ୍‌ଗ୍ରହଣ ହେବ। ସେଠାରେ ବର୍ତ୍ତମାନର ବି.ଜେ.ପି.

ଲୋକସଭା ସାଂସଦ ଡକ୍ଟର ଜିତେନ୍ଦ୍ର ସିଂହ ଏବଂ ପୂର୍ବରୁ ଦୁଇ ଥର ସାଂସଦ ଭାବେ ନିର୍ବାଚିତ ହୋଇଥିବା କଂଗ୍ରେସ ପ୍ରାର୍ଥୀ ଚୌଧରୀ ଲାଲ୍ ସିଂହଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହେବ । ଉଭୟ ଦଳର ନିର୍ବାଚନୀ ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଛନ୍ତି ।

## ରାଜସ୍ଥାନ - ଆକ୍ସିଡେଣ୍ଟ୍

ରାଜସ୍ଥାନର ସିକର ଜିଲ୍ଲାରେ ଆଜି ଗୋଟିଏ କାର୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବା ଫଳରେ ଦୁଇ ଜଣ ଶିଶୁ ଓ ତିନି ଜଣ ମହିଳାଙ୍କ ସମେତ ମୋଟ୍ ୭ ଜଣ ପ୍ରାଣ ହରାଇଛନ୍ତି ।  କାର୍‌ରେ ଥିବା ସମସ୍ତ ଯାତ୍ରୀ ଉତ୍ତର ପ୍ରଦେଶର ମିରଟ୍ ନିବାସୀ ବୋଲି ପୁଲିସ୍ କହିଛି । ସେମାନେ ସଲାସର ବାଲାଜୀ ମନ୍ଦିରରୁ ହିସାରକୁ ଯିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । କାର୍‌ରେ ନିଆଁ ଲାଗିଯିବାରୁ ସେହି ଯାତ୍ରୀମାନେ କାର୍‌ର ଦ୍ୱାର ଖୋଲି ନ ପାରିବାରୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ପୁଲିସ୍ ସେମାନଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଜାରି ରଖିଛି ।

## କ୍ୟାଣ୍ଡିଡେଟ୍‌ସ - ଚେସ୍

କାନାଡ଼ାର ଟରୋଣ୍ଟୋରେ ଖେଳାଯାଉଥିବା FIDE କ୍ୟାଣ୍ଡିଡେଟ୍‌ସ୍-୨୦୨୪ ଚେସ୍ ପ୍ରତିଯୋଗିତାରେ ଭାରତର ୧୭ ବର୍ଷୀୟ ଗ୍ରାଣ୍ଡ୍‌ମାଷ୍ଟର ଡି. ଗୁକେଶ୍ ସ୍ୱଦେଶ ଖେଳାଳି ଭିଦିତ୍ ଗୁଜରାଟୀଙ୍କୁ ଅଷ୍ଟମ ରାଉଣ୍ଡ୍‌ରେ ପରାସ୍ତ କରିଛନ୍ତି । ଏହି ବିଜୟ ସହ ଗୁକେଶ୍ ୫ ପଏଣ୍ଟ୍ ପାଇଁ ପୁରୁଷ ପଏଣ୍ଟ ଟେବୁଲ୍‌ରେ ରୁଷ୍‌ର ଇଆନ୍ ନେପୋମିଆଚିଙ୍କ ସହ ଯୁଗ୍ମଭାବେ ଶୀର୍ଷରେ ରହିଛନ୍ତି । ଆଉ ଜଣେ ଭାରତୟ ଖେଳାଳି ଆର୍. ପ୍ରଜ୍ଞାନନ୍ଦା ୪ ଦଶମିକ ୫ ପଏଣ୍ଟ୍ ସହ ଆମେରିକାର ହିକାରୁ ନାକାମୁରାଙ୍କ ସହ ଯୁଗ୍ମଭାବେ ପଏଣ୍ଟ୍ ଟେବୁଲ୍‌ର ତୃତୀୟ ସ୍ଥାନରେ ଅଛନ୍ତି ।

ମହିଳା ବର୍ଗରେ ଅଭିଜ୍ଞ କୋନେରୁ ହମ୍ପି ଭାରତର ଆଉ ଜଣେ ଖେଳାଳି ଆର୍. ବୈଶାଳୀଙ୍କୁ ପରାସ୍ତ କରିଛନ୍ତି । ବର୍ତ୍ତମାନ ହମ୍ପି ଷଷ୍ଠ ସ୍ଥାନରେ ରହିଥିବାବେଳେ ବୈଶାଳୀ ପଏଣ୍ଟ୍ ତାଲିକାର ଅଷ୍ଟମ ସ୍ଥାନରେ ରହିଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ କୋଲ୍‌କାତାର ଇଡେନ୍ ଗାର୍ଡେନ୍‌ରେ ଖେଳାଯାଉଥିବା ପ୍ରଥମ ମ୍ୟାଚ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ୮ ୱିକେଟ୍‌ରେ ପରାସ୍ତ କରିଛି । ୧୬୨ ରନ୍ ବିଜୟ

ଲକ୍ଷ୍ୟକୁ ପିଛା କରି କୋଲ୍‌କାତା ଦଳ ୧୫ ଓଭର୍ ୪ଟି ବଲ୍‌ରେ ୨ଟି ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ପୂର୍ବରୁ କୋଲ୍‌କାତା ନାଇଟ୍ ରାଇଡର୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ୍ ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୧୬୧ ରନ୍ ସଂଗ୍ରହ କରିଥିଲା ।

ଆଉ କିଛି ସମୟ ପରେ ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମ୍‌ରେ ଚେନ୍ନାଇ ସୁପର୍ କିଙ୍ଗସ୍ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ ।

## ନେପାଳ - ଗଭର୍ଣ୍ଣମେଣ୍ଟ ଗିଫ୍ଟ

ନେପାଳର ବିଭିନ୍ନ ସଙ୍ଗଠନକୁ ଭାରତ ସ୍ୱାସ୍ଥ୍ୟସେବା ଓ ଶିକ୍ଷାର ବିକାଶ ନିମନ୍ତେ ଆଜି ୩୫ଟି ଆମ୍ବୁଲାନ୍ସ ଓ ୬୬ଟି ସ୍କୁଲ୍ ବସ୍ ପ୍ରଦାନ କରିଛନ୍ତି । ଭାରତୀୟ ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ ନେପାଳର ଅର୍ଥମନ୍ତ୍ରୀ ବର୍ଷା ମାନ୍ ପୁନ୍‌ଙ୍କୁ ଏହି ଯାନଗୁଡ଼ିକ ହସ୍ତାନ୍ତର କରିଛନ୍ତି । ଆଜି ପ୍ରଦାନ କରାଯାଇଥିବା ୧୦୧ଟି ଗାଡ଼ି ମଧ୍ୟରୁ ୨ଟି ଆମ୍ବୁଲାନ୍ସ ଜଜରକୋଟ ଓ ପଶ୍ଚିମ ରୁକୁମ୍ ଜିଲ୍ଲାର ଭୂକମ୍ପ ପ୍ରଭାବିତ ଅଞ୍ଚଳରେ ହସ୍ତାନ୍ତର କରାଯାଇଛି । ନେପାଳରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟ ଓ ଶିକ୍ଷାକ୍ଷେତ୍ରର ବିକାଶ ନିମନ୍ତେ ଗତ ତିନି ଦଶନ୍ଧି ଧରି ଭାରତ ସରକାର ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ଅବସରରେ ଆମ୍ବୁଲାନ୍ସ ଓ ସ୍କୁଲ୍ ବସ୍ ପ୍ରଦାନ କରିଆସୁଛି । ଭାରତୀୟ ରାଷ୍ଟ୍ରଦୂତ କହିଛନ୍ତି, ଏହା ଭାରତ

ସରକାରଙ୍କର ଏକ ଦୀର୍ଘମିଆଦୀ ପଦକ୍ଷେପ । ଏହାଦ୍ୱାରା ନେପାଳ-ଭାରତ ଉନ୍ନୟନ ସହଭାଗିତା ବୃଦ୍ଧିପାଇବା ସହ ନେପାଳରେ ସ୍ୱାସ୍ଥ୍ୟ ଓ ଶିକ୍ଷାକ୍ଷେତ୍ର ମୌଳିକଢାଞ୍ଚାର ବିକାଶ ଘଟିବ ।

*****